**Roll No** | | | | | | | |

# DAV PUBLIC SCHOOLS, ODISHA ZONE
## PERIODIC ASSESSMENT –III, 2023-24

- Please check that this question paper contains 2 printed pages.
- Check that this question paper contains 10 questions.
- Write sown the Serial Number of the question in the left side of the margin before attempting it.

## CLASS-IX
## SUB : ODIA

Time-1hr. 30min. Maximum Marks-40

General Instructions-
The question paper consists of 4 parts:--.
SECTION A : Reading 5 Marks
**SECTION** B : Writing 4 Marks
**SECTION** C : Grammar 7 Marks
**SECTION** D : Literature 24 Marks

### SECTION- A

**1. ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।** **5X1=5**

ବ୍ୟକ୍ତି ଯଦି ଅଳସୁଆ ହେଲା ନିଜର ବା ନିଜ ପରିବାରର କ୍ଷତି କରେ । କିନ୍ତୁ ଗୋଟିଏ ଜାତି ଯଦି ଅଳସୁଆ ହେଇଗଲା , କଥା ସରିଗଲା । ଆଳସ୍ୟ ଗୋଟିଏ ଜାତିକୁ ଥରେ ଗ୍ରାସ କଲେ, ଏତେ ଦିଗରୁ ତାହାର ଅଧଃପତନ ହୁଏ ଯେ ଶହ ଶହ ବର୍ଷ ପର୍ଯ୍ୟନ୍ତ ସେ ଆଉ ଉଠି ପାରେ ନାହିଁ ।ଆଳସ୍ୟ ହେଉଛି ଶରୀର ଓ ମନ ଉଭୟର ଧ୍ୱଂସର କାରଣ । ଅନ୍ୟର ଅନିଷ୍ଟ କରିବା ପାଇଁ ଲୋକ ମନରେ ଯେଉଁ ଭାବନା ଜାଗ୍ରତ ହୁଏ ,ତା'ର ମୂଳରେ ରହିଛି ଆଳସ୍ୟ । ଅଳସୁଆ ମାଟି ସତେ ଯେପରି କଅଁଳିଆ ଗଦି । ସଇତାନ ତାହା ଉପରେ ଆସି ସୁନ୍ଦର ଭାବରେ ଶୋଇଯାଏ । ମନକୁ ଭାରାକ୍ରାନ୍ତ କରିବା ସହିତ ଶରୀରକୁ ଯଦି କେହି ରୋଗଗ୍ରସ୍ତ କରିଦିଏ ତାହା ହେଉଛି ମନୁଷ୍ୟର ଏହି ଦୋଷ । ଜୀବନ ଚାହେଁ ନୂତନତ୍ୱ । ଏହା ଭୁଲିଗଲେ ଚଳିବ ନାହିଁ ଯେ ମନର ଧର୍ମ ହେଲା ସେ କିଛି ନା କିଛି କରିବାକୁ ଧାଇଁବ। ଯଦି ସତ୍ କାମରେ ତାକୁ ଲଗାଇ ନ ପାରିଲ ଅନ୍ୟର ଅନିଷ୍ଟ ଚିନ୍ତାରେ ସେ ତତ୍ପର ହୋଇ ଉଠିବ । ଦାର୍ଶନିକ ତଥା ସମାଜଶାସ୍ତ୍ରୀମାନେ ଆହୁରି ଲକ୍ଷ୍ୟ କରିଛନ୍ତି ଯେ ଜୀବନ ଚାହେଁ ନୂତନତ୍ୱ । ଠିକ୍ ଏକା ଭଳି ସବୁବେଳେ ରହିବାକୁ ଜୀବନ ଚାହେଁ ନାହିଁ ।କାର୍ଲାଇଲ ଯଥାର୍ଥରେ କହିଛନ୍ତି ଯେ ଆଳସ୍ୟ ମଧ୍ୟରେ ସ୍ଥାୟୀ ନୈରାଶ୍ୟ ବସାବାନ୍ଧି ରହିଥାଏ ।

i. ଜୀବନ କ'ଣ ଚାହେଁ ?
.ii. କିଏ ଶରୀର ଓ ମନକୁ କ୍ଷତି ପହଞ୍ଚାଏ ?
iii. ମନୁଷ୍ୟ ଜୀବନରେ ଆଳସ୍ୟର ଭୂମିକା କ'ଣ ?
iv. ମନ ଅନ୍ୟର ଅନିଷ୍ଟ ଚିନ୍ତା କରେ କାହିଁକି ?
v.ଜାତି ଅଳସୁଆ ହେବା ଦ୍ୱାରା କି ପରିଣାମ ଉପୁଜେ ?

### SECTION- B

**2. ରଚନା ଲେଖ ।** 1x**4**=4

ବିଜ୍ଞାନ ଓ ଆଧୁନିକ ଜୀବନ

### SECTION- C

**3. ସନ୍ଧି ବିଚ୍ଛେଦ କର |** **4x1=4**

ଉଦ୍ଧାର , ସଂସ୍କୃତି , ପୁନରାଗମନ , ପରୀକ୍ଷା

4. ବ୍ୟାସବାକ୍ୟ ସହ ସମାସର ନାମ ଲେଖ । **3x1=3**

ଦୁର୍ଭିକ୍ଷ,କାଠପୋଲ,ଘନଶ୍ୟାମ

## SECTION- D

**5 . ସପ୍ରସଙ୍ଗ ସରଳାର୍ଥ ଲେଖ।** **1x4=4**

ଏଇ ଖଣ୍ଡ ମୋତେ ଅନାସକ୍ତି ଯୋଗରେ ଦୀକ୍ଷିତ କରିଛି ।

**6. ସଂକ୍ଷେପରେ ଉତ୍ତର ଲେଖ ।** **2x2=4**

(i) ଭଗବାନଙ୍କୁ 'ଦୀନବନ୍ଧୁ' ନାମ କାହିଁକି ଦିଆଯାଇଛି ?

(ii) ମହାତ୍ମା ଗାନ୍ଧୀଙ୍କର ସକଳ କର୍ମର ମୂଳଭିତ୍ତି କ'ଣ ଥିଲା?

**7. ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତରଟିକୁ ବାଛି ଲେଖ ।** **4x1=4**

(i) ପ୍ରକୃତ ମିତ୍ର , ମିତ୍ରଙ୍କୁ କେଉଁଥିରୁ ନିବୃତ୍ତ କରାନ୍ତି ?

(A) ପୁଣ୍ୟ (B) ଉପଭୋଗ (C) ପାପ (D) ହିତସାଧନ

(ii) ଗୁନାର ମିରଡ଼ାଲ କିଏ ?

(A) ପ୍ରସିଦ୍ଧ ବୈଜ୍ଞାନିକ (B) ପ୍ରଖ୍ୟାତ ଅର୍ଥନୀତିଜ୍ଞ (C) ବିଖ୍ୟାତ ସଂଗଠକ (D) ଖ୍ୟାତନାମା ସାମ୍ବାଦିକ

(iii) ମହାତ୍ମାଗାନ୍ଧୀ ନ୍ୟାସୀତତ୍ତ୍ୱର ବ୍ୟାଖ୍ୟା କେଉଁ ପତ୍ରିକାରେ କରିଥିଲେ?

(A) ଉତ୍କଳ ସାହିତ୍ୟ (B) ସତ୍ୟବାଦୀ (C) ହରିଜନ (D) ଧରିତ୍ରୀ

(iv) 'ସାପ୍ତପଦୀନ' ଶବ୍ଦଟି କେଉଁ ପରମ୍ପରା ସହ ସଂପୃକ୍ତ ?

(A) ଜନ୍ମ (B) ମୃତ୍ୟୁ (C) ବ୍ରତ (D) ବିବାହ

**8. ସଂକ୍ଷେପରେ ଉତ୍ତର ଲେଖ ।** **2x2=4**

(i) କୁଳବଧୂମାନେ ଗବାକ୍ଷ -ପୁଡ଼ା ଧରି ଠିଆ ହେବା ପାଇଁ କହିବାର ଉଦ୍ଦେଶ୍ୟ କ'ଣ ?

(ii) ମଣିଷ ଭାଇକୁ କବି ଅରିନ୍ଦମ ବୋଲି କାହିଁକି ସମ୍ବୋଧନ କରିଛନ୍ତି ?

**9. ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତରଟିକୁ ବାଛି ଲେଖ ।** **4x1=4**

(i) 'ମଣିଷ ଭାଇ' କବିତାଟି କେଉଁ କବିତା ପୁସ୍ତକରୁ ସଂଗୃହୀତ ?

(A) ଅଞ୍ଜଳି (B) ଅର୍ଚ୍ଚନା (C) ସ୍ଫୁଲିଙ୍ଗ (D) ଉଚ୍ଛ୍ୱାସ

(ii) ଗୋପବନ୍ଧୁଙ୍କ ମହାପ୍ରୟାଣରେ ଓଡ଼ିଆ ଜାତିର କି କ୍ଷତି ଘଟିଲା ?

(A) ) ଗର୍ବ ଭାଙ୍ଗିଗଲା (B) ମେରୁଦଣ୍ଡ ଭାଙ୍ଗିଗଲା (C) ମୋହ ଭାଙ୍ଗିଗଲା (D) ସ୍ୱପ୍ନ ଭାଙ୍ଗିଗଲା

(iii) . ମଣିଷ କେତେବେଳେ ଦେବତା ରୂପେ ପୂଜିତ ହୋଇ ପାରିବ ?

(A) ଧର୍ମ ପାଳନ କଲେ (B) ଷଡ଼ରିପୁକୁ ଜୟ କଲେ (C) ସତ୍ୟ କହିଲେ (D) ଅହିଂସା ମାର୍ଗରେ ଗଲେ

(iv) ଗୋପବନ୍ଧୁ ଆମର ଅତି ପ୍ରିୟ-- ଏକଥା କିଏ ଜାଣିବା ଉଚିତ?

(A) ମରଣ (B) ଇଂରେଜମାନେ (C) ଭାରତୀୟ (D) ଉତ୍କଳୀୟ

**10. ସଂକ୍ଷେପରେ ଉତ୍ତର ଲେଖ ।** **2x2=4**

(i) ଅଙ୍କ ବିଷୟକୁ ସମସ୍ତେ ଭୁଲିଯାଆନ୍ତେ ବୋଲି ଲକ୍ଷ୍ମୀ କାହିଁକି ଠାକୁରଙ୍କୁ କହିଛି ?

(ii) ପଣ୍ଡିତେ ଠାକୁରଙ୍କୁ କ'ଣ ପ୍ରାର୍ଥନା କଲେ?